ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୨୯ ମେ, ୨୦୨୧



## ହରିଓମ୍ ବିହାରରୁ ତାଲା ଭାଙ୍ଗି ଚୋରି

ବ୍ରଜରାଜନଗର,(ଡି.ଏନ.ଏ.): ବ୍ରଜରାଜନଗର ଥାନା ଅନ୍ତର୍ଗତ ହରିଓମ୍ ବିହାର କଲୋନୀର ମୁକେଶ ଠାକୁରଙ୍କ ଘରେ କେହି ନ ଥିବା ସୁଯୋଗ ନେଇ ଗୁରୁବାର ରାତିରେ କେହି ଦୁର୍ବୃତ୍ତ ତାଲା ଭାଙ୍ଗି ଘରର ଆସବାବପତ୍ର ଚୋରି କରିଛନ୍ତି। ଖବର ପାଇ ସ୍ଥାନୀୟ ଏସ୍‌ଡିପିଓ ଦିଲୀପ ଦାସ, ଆଇଆଇସି ବୈକୁଣ୍ଠ ବିହାରୀ ସେଠ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ସୂଚନା ଅନୁଯାୟୀ ଘର ମାଲିକ ମୁକେଶ ଠାକୁର ୨୫ ତାରିଖ ରାତିରେ ଘର ତାଲା ପକାଇ ତାଙ୍କ ନିଜ ଘର ଝାଡ଼ଖଣ୍ଡ ଯାଇଥିଲେ। ୨୭ ତାରିଖ ରାତିରେ ଫେରି ତାଲା ଭଙ୍ଗାହୋଇ ଘରର ଫ୍ୟାନ, ଗ୍ୟାସ ସିଲିଣ୍ଡର, ସୁନା ଅଳଙ୍କାର, ନଗଦ ୧୩୦୦୦ ଟଙ୍କା ଚୋରି ହୋଇଥିବା ନେଇ ପୋଲିସରେ ଅଭିଯୋଗ କରିଥିଲେ।

# ୩ଦିନର ମହଲତ ଦେଲା କୃଷକ ସଙ୍ଗଠନ

- ଯୋଗାଣ ବିଭାଗ, ଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ
- ଟୋକନ୍ ସମସ୍ୟା, ବର୍ଷା କ୍ଷୟକ୍ଷତି ଆକଳନ ଦାବି

ସମ୍ବଲପୁର,୨୮।୫(ବ୍ୟୁରୋ)

ଟୋକନ୍ ସମସ୍ୟା ସମାଧାନ, ଅଦିନିଆ ବର୍ଷା କ୍ଷୟକ୍ଷତି ଆକଳନ ସହ ଭୁବନେଶ୍ୱରରୁ ଟୋକନ୍ ପ୍ରଦାନ ବ୍ୟବସ୍ଥା ଉଚ୍ଛେଦ ଦାବିରେ ଶୁକ୍ରବାର କୃଷକ ସଙ୍ଗଠନ ସମ୍ବଲପୁର ଜିଲାପାଳଙ୍କ ଅଫିସ ଓ ଯୋଗାଣ ବିଭାଗ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲା। ତିନିଦିନ ଭିତରେ ଚାଷୀଙ୍କ ସମସ୍ୟା ସମାଧାନ ନ ହେଲେ ଆସନ୍ତା ମଙ୍ଗଳବାର ପୁନର୍ବାର ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ସଙ୍ଗଠନ ପକ୍ଷରୁ ଆବାହକ ଅଶୋକ ପ୍ରଧାନ ଚେତାବନୀ ଦେଇଛନ୍ତି।

ଚାଷୀକୁଳ ୧୨ ଦିନିଆ ଟୋକନ୍ ସମସ୍ୟାରେ ଘାଣ୍ଟି ହେଉଥିବା ବେଳେ ଏବେ ଅଦିନିଆ ବର୍ଷା ସେମାନଙ୍କ ମେରୁଦଣ୍ଡ ଭାଙ୍ଗିଦେଇଛି। ବହୁ କଷ୍ଟରେ ସ୍ଥାନୀୟ ଶ୍ରମିକଙ୍କ ସହାୟତାରେ ଧାନ ଅମଳ କରିବାକୁ ଚିନ୍ତା କରୁଥିବାବେଳେ ଅଦିନିଆ ବର୍ଷା ସେମାନଙ୍କ ପାଇଁ ଦାଉ ସାଧିଛି। ତୁରନ୍ତ କ୍ଷତିପୂରଣ ସହ ପୂର୍ବରୁ ଲାଗିରହିଥିବା ଟୋକନ୍ ସମସ୍ୟା ସମାଧାନ ପାଇଁ କୃଷକ ସଙ୍ଗଠନ ଯୋଗାଣ ବିଭାଗ ଓ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲା। ଜିଲାପାଳଙ୍କୁ ଦାବି ଜଣାଇବା ପାଇଁ ବହୁ ସମୟ ଅପେକ୍ଷା ପରେ ଚାଷୀମାନେ ଅତିରିକ୍ତ ଜିଲାପାଳଙ୍କୁ ଦୁଃଖ ଜଣାଇଥିଲେ। ଚାଷୀଙ୍କ ବିକ୍ଷୋଭ ସ୍ଥଳକୁ ପ୍ରଥମେ ତହସିଲଦାର ଆସି ସମସ୍ୟା ସମାଧାନ କରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ଚାଷୀମାନେ ତାଙ୍କଠାରୁ ସନ୍ତୋଷଜନକ ଉତ୍ତର ନ ପାଇବାରୁ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟକୁ ଯିବା ପାଇଁ ବାହାରିଥିଲେ। ଏପରି ସମୟରେ ଅତିରିକ୍ତ ଜିଲାପାଳ ଉମାକାନ୍ତ ରାଜ ପହଞ୍ଚି ଚାଷୀଙ୍କ ଅଭିଯୋଗ ଶୁଣିଲା ପରେ ତିନିଦିନର ମହଲତ ମାଗିଥିଲେ। ଏ ବିଷୟରେ ଜିଲା ପ୍ରଶାସନ ରାଜ୍ୟ ସରକାରଙ୍କୁ ଜଣାଇ ତିନିଦିନ ଭିତରେ ଯାହା କିଛି ସମାଧାନର ବ୍ୟବସ୍ଥା ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ।


କୃଷକ ସଙ୍ଗଠନ କର୍ମକର୍ତ୍ତାଙ୍କ ସହ ଆଲୋଚନା କରୁଛନ୍ତି ଅତିରିକ୍ତ ଜିଲାପାଳ।

## ସଂକ୍ଷେପରେ

### ବୃଦ୍ଧ ଦମ୍ପତିଙ୍କ ଗଳିତ ମୃତଦେହ ଜବତ

ବ୍ରଜରାଜନଗର,୨୮।୫(ଡି.ଏନ.ଏ.): ଓରିଏଣ୍ଟ ଥାନା କାଳୀନଗର କଲୋନୀର ଏକ କ୍ୱାର୍ଟର୍ସରୁ ବୃଦ୍ଧ ଦମ୍ପତିଙ୍କ ଗଳିତ ମୃତଦେହକୁ ପୋଲିସ ଜବତ କରିଛି। ପୋଲିସ ସୂଚନା ଅନୁଯାୟୀ ଉକ୍ତ କ୍ୱାର୍ଟର୍ସରେ ସଦାନନ୍ଦ ବିଶ୍ୱାଳ (୮୦) ଓ ତାଙ୍କ ସ୍ତ୍ରୀ ମାୟା ପୁଅବୋହୂଙ୍କ ସହ ରହୁଥିଲେ। ୬ ଦିନ ପୂର୍ବରୁ ବୋହୂ କରୋନା ପଜିଟିଭ୍‌ରେ ଆକ୍ରାନ୍ତ ହୋଇ ଗୁରୁତର ହେବାରୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ପଡୋଶୀ ଦିନେ ଦୁଇ ଦିନ ଦମ୍ପତିଙ୍କୁ ଖାଇବାକୁ ଦେଇଥିଲେ। କୋଭିଡ୍ ସଂକ୍ରମିତ ହେବା ଭୟରେ ସେମାନେ ଆଉ ପଚାରି ନ ଥିଲେ। ଫଳରେ ଉଭୟ ସ୍ୱାମୀ ସ୍ତ୍ରୀ କବାଟ ବନ୍ଦ କରି ଘରେ ରହିଥିଲେ। ଶୁକ୍ରବାର କ୍ୱାର୍ଟର୍ସରୁ ଦୁର୍ଗନ୍ଧ ବାହାରିବାରୁ ପଡୋଶୀ ଏ ସମ୍ପର୍କରେ ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ତାଲା ଭାଙ୍ଗିବା ପରେ ଉଭୟଙ୍କ ମୃତଦେହ ଖଟରେ ପଡିଥିବା ଦେଖିଥିଲା। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

### ଟ୍ରକ୍ ଓଲଟି ହେଲ୍‌ପର ମୃତ

ବ୍ରଜରାଜନଗର,୨୮।୫(ଡି.ଏନ.ଏ.): ୪୯ନଂ. ଜାତୀୟ ରାଜପଥର ଏମଡ଼ରହଠାରେ ଶୁକ୍ରବାର ଏକ ୧୦ ଚକିଆ ଟ୍ରକ୍ ଭାରସାମ୍ୟ ହରାଇ ରାସ୍ତା କଡକୁ ଓଲଟି ପଡିଥିଲା। ଫଳରେ ଗାଡିର ବାମ ପାର୍ଶ୍ୱରେ ବସିଥିବା ହେଲପର ଅଶୋକ ଧୂରୁଆ (୨୨) ଟ୍ରକ ତଳେ ଚାପି ହୋଇଯାଇଥିଲେ। ରାମପୁର ଫାଣ୍ଡି ଅଧିକାରୀ କିଷାନ ବାବୁ ପହଞ୍ଚି ଅଶୋକଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠେଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

### ବନ୍ଧୁକ ଜବତ, ଜଣେ ଗିରଫ

ଝାରସୁଗୁଡ଼ା ଅଫିସ,୨୮।୫: ଝାରସୁଗୁଡା ଜିଲା ବନ୍ଧବାହାଲ ଫାଣ୍ଡି ଅଧିକାରୀ ଅଶୋକ ଦାସ ଶୁକ୍ରବାର ସନ୍ଧ୍ୟାରେ ଲକ୍‌ଡାଉନ ପାଇଁ ସ୍ଥାନୀୟ ସ୍ୱାଧୀନ କମ୍ପ୍ଲେକ୍ସ ନିକଟରେ ଯାନବାହନ ଯାଞ୍ଚ କରୁଥିଲେ। ଏହି ସମୟରେ ଜଣେ ବାଇକ୍ ଚାଳକ ସେଠାରେ ପହଞ୍ଚିଥିଲେ। ପୋଲିସ ଯାଞ୍ଚକରି ତାଙ୍କ ନିକଟରୁ ଦେଶୀବନ୍ଧୁକ ସହ ଗୋଟିଏ ଅଫୁଟା ଗୁଳି ଜବତ କରିଛି। ଏହାସହ ସମ୍ପୃକ୍ତ ବାଇକ୍ ଚାଳକଙ୍କୁ ଗିରଫ କରାଯାଇଛି। ସେ ହେଲେ ବନ୍ଧବାହାଲ ଗୌଡପଡାର ଅଗସ୍ତୀ ଖରସେଲ୍(୫୨)। ଏ ନେଇ ପୋଲିସ ବନହରପାଲି ଥାନା କେସ୍ (ନଂ.୭୯/୨୧) ଆର୍ମଆକ୍ଟରେ ମାମଲା ରୁଜୁକରି ତଦନ୍ତ ଚଳାଇଛି।

### ବିଦ୍ୟୁତ୍ ଆଘାତରେ ଛତୁଚାଷୀଙ୍କ ମୃତ୍ୟୁ

ଦେବଗଡ଼,୨୮।୫(ଡି.ଏନ.ଏ): ବିଦ୍ୟୁତ୍ ଆଘାତରେ ଦେବଗଡ ଥାନା ଅନ୍ତର୍ଗତ ବିଜୟନଗର ଗ୍ରାମର ଜଣାଶୁଣା ଚାଷୀ ଅଶୋକ ବେହେରା (୪୮)ଙ୍କର ଶୁକ୍ରବାର ମୃତ୍ୟୁ ଘଟିଛି। ଅଶୋକ ଜଣେ ସଫଳ ଛତୁଚାଷୀ। ନିଜଘରେ ଛତୁଚାଷ ପାଇଁ ପାଳ ପ୍ରସ୍ତୁତ କରୁଥିବା ବେଳେ ଅସାବଧାନତା ବଶତଃ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ଆହତ ହୋଇଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ।

### ବିଜେଡି ପକ୍ଷରୁ ଗରିବଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ

ରାଜଗାଙ୍ଗପୁର,୨୮।୫(ଡି.ଏନ.ଏ.): ରାଜଗାଙ୍ଗପୁରରେ ସଂକ୍ରମିତଙ୍କ ସଂଖ୍ୟା ବଢିବାରେ ଲାଗିଛି। ଏହି ସମୟରେ ରାଜଗାଙ୍ଗପୁର ବିଜେଡି ପକ୍ଷରୁ ବିଭିନ୍ନ ପ୍ରକାର କାର୍ଯ୍ୟ ସହରରେ କରାଯାଉଛି। ଘରକୁ ଘର, ସରକାରୀ କାର୍ଯ୍ୟାଳୟ ବୁଲି ସାନିଟାଇଜେସନ କରିବା ସହ ସ୍ୱାସ୍ଥ୍ୟ କେନ୍ଦ୍ରରେ ରହି ଅସହାୟଙ୍କ ସାହା ପାଲଟିଛନ୍ତି ବିଜେଡି କର୍ମୀ। ଦଳର ଟାଉନ ସଭାପତି ରାଜେନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଶୁକ୍ରବାର ୱାର୍ଡ ନଂ. ୧୮ରେ ଥିବା ଗରିବ ଲୋକଙ୍କୁ ଶୁଖିଲା ଖାଦ୍ୟ ଚାଉଳ, ଡାଲି, ତେଲ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଡ. ରାକେଶ ନନ୍ଦା, ବିଶ୍ୱପ୍ରକାଶ ବେହେରା, ରାଜୁ ମହାନ୍ତି ପ୍ରମୁଖ ସାମିଲ ଅଛନ୍ତି।

### ବାତ୍ୟା କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ଲାଗି ବିଧାୟକଙ୍କ ଦାବି

ଦେବଗଡ଼,୨୮।୫(ଡି.ଏନ.ଏ): ବାତ୍ୟା ପ୍ରଭାବରେ ବର୍ଷା ଓ ପବନରେ ଦେବଗଡ ଜିଲାର ବିଭିନ୍ନ ସ୍ଥାନରେ ଫଳ ଓ ପନିପରିବା ଚାଷ ସମେତ ରବି ଫସଲ ନଷ୍ଟ ହୋଇଛି। ଏଥିସହ କଚ୍ଚାଘରେ ରହୁଥିବା ଲୋକେ ମଧ ଅକଥନୀୟ ଦୁର୍ଦ୍ଦଶା ଭୋଗୁଛନ୍ତି। ଏଣୁ କ୍ଷୟକ୍ଷତିର ଠିକ ଆକଳନ କରି କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ପ୍ରଦାନ କରିବାକୁ ଦେବଗଡ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଦାବି କରିଛନ୍ତି। ଶୁକ୍ରବାର ଏନେଇ ଜିଲାପାଳ ସୁଧାଂଶୁ ମୋହନ ସାମଲଙ୍କୁ ପତ୍ର ଦ୍ୱାରା ଜଣାଇଛନ୍ତି।

# ପ୍ରେମୀଯୁଗଳଙ୍କ ବିବାହ କରାଇଲା ସ୍ୱେଚ୍ଛାସେବୀ ଅନୁଷ୍ଠାନ

ଝାରସୁଗୁଡ଼ା ଅଫିସ,୨୮।୫

ଝାରସୁଗୁଡ଼ା ଜିଲାର ଏକ ପ୍ରେମୀଯୁଗଳ ବିବାହ ପାଇଁ ନିଷ୍ପତ୍ତି ନେଇଥିଲେ ମଧ ଭିନ୍ନ ଜାତିର ହୋଇଥିବାରୁ ଯୁବକଙ୍କ ପରିବାର ଲୋକେ ସ୍ୱୀକୃତି ଦେଇ ନ ଥିଲେ। ପରେ ପ୍ରେମିକା ଜଣକ ସମଲେଶ୍ୱରୀ ମା'ଘର ଚାରିଟେବୁଲ୍ ଟ୍ରଷ୍ଟ ନାମକ ସ୍ୱେଚ୍ଛାସେବୀ ଅନୁଷ୍ଠାନର ଅଧ୍ୟକ୍ଷା ପଦ୍ମିନୀ ସିଂଙ୍କ ସହାୟତାରେ ବନ୍ଧବାହାଲ ଫାଣ୍ଡିରେ ପହଞ୍ଚି ଘଟଣା ସମ୍ପର୍କରେ ଜଣାଇଥିଲେ। ପୋଲିସ ଯୁବକଙ୍କ ପରିବାର ଲୋକଙ୍କୁ ଡକାଇ ପଚରାଉଚରା କଲାପରେ ବାହାଘର ପାଇଁ ପରିବାର ଲୋକେ ସହମତି ପ୍ରକାଶ କରିଥିଲେ। ଉଭୟ ଘରେ ନ ରହି ବାହାରେ ରହିବା ପାଇଁ କହିଥିଲେ। ପ୍ରେମୀଯୁଗଳ ବାହାହୋଇ ସ୍ୱାମୀ, ସ୍ତ୍ରୀ ହୋଇ ରହିବେ ବୋଲି ଫାଣ୍ଡିରେ ଏକ ରାଜିନାମାପତ୍ର ସ୍ୱାକ୍ଷରିତ ହୋଇଥିଲା। ଏହି ପତ୍ର ଜରିଆରେ ସ୍ୱେଚ୍ଛାସେବୀ ସଙ୍ଗଠନ ତରଫରୁ ଶୁକ୍ରବାର ବନ୍ଧବାହାଲ ମଙ୍ଗଳା ମନ୍ଦିରରେ କୋଭିଡ୍ କଟକଣା ପାଳନ କରି ପ୍ରେମୀଯୁଗଳଙ୍କ ବାହାଘର ବୈଦିକ ରୀତିନୀତିରେ କରାଯାଇଛି। ସ୍ଥାନୀୟ ଜଗନ୍ନାଥ ମନ୍ଦିର ମୁଖ୍ୟ ପୂଜକ ବିଶ୍ୱନାଥ ତ୍ରିପାଠୀ ବିବାହ କାର୍ଯ୍ୟ ସମ୍ପାଦନ କରିଥିଲେ। ଏଥିରେ ସ୍ଥାନୀୟ ସରପଞ୍ଚ ରାଜେନ୍ଦ୍ର ନାୟକ, ଅଧ୍ୟକ୍ଷା ପଦ୍ମିନୀ ସିଂ, ବିଜୟଲକ୍ଷ୍ମୀ ଷଡ଼ଙ୍ଗୀ, ପ୍ରଭାସିନୀ ନାୟକ ପ୍ରମୁଖ ସହଯୋଗ କରିଥିଲେ। ବାହାଘରରେ ଯୁବତୀ ଓ ଯୁବକଙ୍କ ପରିବାର ଲୋକେ ଆସି ନ ଥିବା ଦେଖିବାକୁ ମିଳିଥିଲା। ପରେ ଏହି ବାହାଘର ଆଇନ ଅନୁଯାୟୀ କୋର୍ଟରେ କରାଯିବ ବୋଲି ସ୍ୱେଚ୍ଛାସେବୀ ଅନୁଷ୍ଠାନର ଅଧ୍ୟକ୍ଷା ସିଂ କହିଛନ୍ତି। ସୂଚନାଯୋଗ୍ୟ ସୁନ୍ଦରଗଡ଼ ଜିଲା ଉଦରମା ଗ୍ରାମର ଯୁବତୀ ଗତ ୬ମାସ ହେଲା ବନ୍ଧବାହାଲ ଆସି ଏକ କପଡା ଦୋକାନରେ କାମ କରୁଥିଲେ। ଏହି ସମୟରେ ସେଠାକାର ଜଣେ ଯୁବକଙ୍କ ସହ ତାଙ୍କର ସମ୍ପର୍କ ଗଢିଉଠିଥିଲା। ଉଭୟ ପରସ୍ପରକୁ ଭଲ ପାଇବସିଥିଲେ। ପରବର୍ତ୍ତୀ ସମୟରେ ସେମାନେ ବିବାହ କରିବା ପାଇଁ ନିଷ୍ପତ୍ତି ନେଇଥିଲେ।

# ବର୍ଷାରେ ୨୧୫ନଂ. ଜାତୀୟ ରାଜପଥ ଶୋଚନୀୟ

ଲହୁଣୀପଡ଼ା, ୨୮।୫(ଡି.ଏନ.ଏ.)

ବାତ୍ୟା 'ୟାସ'ର ପ୍ରଭାବରେ ଏ ଅଞ୍ଚଳରେ ଅବିଶ୍ରାନ୍ତ ବର୍ଷା ଲାଗିରହିଥିବା ଯୋଗୁ ଅନେକ ଅସୁବିଧା ଦେଖାଦେବା ସହିତ ଗମନାଗମନ ଉପରେ ବେଶ ପ୍ରଭାବ ଦେଖାଦେଇଛି। ରାଉରକେଲାଠାରୁ ଭାୟା ଲହୁଣୀପଡ଼ା ଦେଇ ବଡ଼ବିଲ ଯାଇଥିବା ୨୧୫ ନଂ. ଜାତୀୟ ରାଜପଥର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ରାଜାମୁଣ୍ଡା ପାଣିକୋଇଲି ୨୧୫ ଜାତୀୟ ରାଜପଥ ଅନେକ ବର୍ଷ ହେଲା କାମ ହୋଇ ଆସୁଥିଲେ ମଧ୍ୟ ଏହା ସମ୍ପୂର୍ଣ୍ଣ ହୋଇପାରୁନାହିଁ। ସେଥିପାଇଁ ଅନେକ ସମୟରେ ଜିଲା ପ୍ରଶାସନ ପକ୍ଷରୁ ଉକ୍ତ ରାସ୍ତାରେ ଗାଡ଼ି ଚଳାଚଳ ବନ୍ଦ କରି ବରସୁଆ, ଟେନ୍‌ସା ପଟେ ଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଥାଏ। ଏହି ରାସ୍ତା ଅବସ୍ଥାରେ ପରିବର୍ତ୍ତନ ଆସିପାରୁ ନାହିଁ। ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି। ଏହି ତିନିଦିନିଆ ଝଡ଼ବର୍ଷା 'ୟାସ'ର ପ୍ରଭାବ ୨୧୫ ନଂ.ଜାତୀୟ ରାଜପଥର ଚୁନାଘାଟିର ଦୃଶ୍ୟ ଦେଖିଲା ପରେ ଜଣାପଡୁଛି ଯେ, ରାସ୍ତାର ଅବସ୍ଥା କେତେ ଶୋଚନୀୟ। ଉକ୍ତ ରାସ୍ତାରେ ଯାଉଥିବା ଗାଡ଼ିଗୁଡ଼ିକ କେତେ ସୁରକ୍ଷିତ ଭାବେ ଯାତାୟାତ କରୁଛନ୍ତି। ଉକ୍ତ ଗାଡ଼ିଗୁଡ଼ିକର ଚାଳକମାନେ କର୍ତ୍ତବ୍ୟ ଆଗରେ ନିଜ ଜୀବନକୁ ବାଜି ଲଗାଇ ବିପଦସଂକୁଳ ଅବସ୍ଥାରେ ଯାତାୟାତ କରିବା ପାଇଁ ବାଧ ହେଉଛନ୍ତି। ଏମିତିକି ଗାଡି ଚାଳକମାନେ ପିଇବା ପାଇଁ ପାଣି ଟୋପେ ପାଉ ନ ଥିବା ବେଳେ ଭୋକ ଉପାସରେ ରହିବାକୁ ବାଧ ହେଉଛନ୍ତି। ଫଳରେ ଏହି ରାସ୍ତାରେ ସାଧାରଣ ଲୋକ ମଧ ଯାଇଆସି ପାରୁ ନ ଥିବା ଜଣାପାଇଛି।


୨୧୫ ନଂ. ଜାତୀୟ ରାଜପଥର ଅବସ୍ଥା ଶୋଚନୀୟ ହୋଇଥିବାରୁ ଗାଡ଼ିମୋଟର ଚଳାଚଳ ବନ୍ଦ ରହିଛି।

# ହତ୍ୟା ଅଭିଯୋଗରେ ଯୁବକ ଗିରଫ

ଦେବଗଡ଼,୨୮।୫(ଡି.ଏନ.ଏ)

ଦେବଗଡ଼ ଥାନା ଅନ୍ତର୍ଗତ ଶୁଳିଆ ପୋଲତଳୁ ମୁମୂର୍ଷୁ ଅବସ୍ଥାରେ ଜଣେ ଯୁବକଙ୍କୁ ୨୩ ତାରିଖରେ ଉଦ୍ଧାର କରାଯାଇଥିଲା। ପରେ ତାଙ୍କର ମୃତ୍ୟୁ ଘଟିଥିଲା। ସେ ହେଲେ ରିଆମାଳ ଥାନା ଧଉରାଗୋଠ ଗ୍ରାମର ଉପେନ୍ଦ୍ର ବେହେରା। ଏ ନେଇ ମୃତକଙ୍କ ପୁଅ ଦେବଗଡ଼ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିବାରୁ ପୋଲିସ ଘଟଣାର ତଦନ୍ତ ଚଳାଇଥିଲା। ତଦନ୍ତ ସମୟରେ ଛେଳି କିଣାବିକାକୁ ରହିଥିବା ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ରିଆମାଳ ଥାନା ଅନ୍ତର୍ଗତ ଗୁଣ୍ଡିଆପାଲି ଗ୍ରାମର ବ୍ରହ୍ମାନନ୍ଦ ବାଘ(୫୦) ହତ୍ୟା ଉଦ୍ଦେଶ୍ୟରେ ଉପେନ୍ଦ୍ରଙ୍କୁ ପୋଲରୁ ତଳକୁ ଠେଲିଦେଇଥିବା ସ୍ୱୀକାର କରିଥିଲେ। ପୋଲିସ ବ୍ରହ୍ମାନନ୍ଦ ବିରୋଧରେ ଏକ ହତ୍ୟା ମାମଲା ରୁଜୁକରି ତାଙ୍କୁ ଗିରଫ କରିବା ସହ ଶୁକ୍ରବାର କୋର୍ଟଚାଲାଣ କରିଛି।

# ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା କଲେ ବିଧାୟକ


ସମୀକ୍ଷା ବୈଠକରେ ଉପସ୍ଥିତ ଥିବା ଜନପ୍ରତିନିଧି ଓ ଅଧିକାରୀମାନେ।

ଝାରସୁଗୁଡ଼ା ଅଫିସ,୨୮।୫

ଝାରସୁଗୁଡ଼ା ଜିଲା ଲଖନପୁର ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଶୁକ୍ରବାର ବିଧାୟକ କିଶୋର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ ସଞ୍ଜୀବ ପଟେଲ ଏହାକୁ ସଞ୍ଚାଳନ କରିଥିଲେ। ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠି, ବିଧାୟକ ପାଣ୍ଠି, ସିଏସ୍‌ଆର୍ ପାଣ୍ଠିରେ ଚାଲିଥିବା କାର୍ଯ୍ୟ କେତେ ଅଗ୍ରଗତି ହୋଇଛି, କେତେ ଅର୍ଥ ଖର୍ଚ୍ଚ ହୋଇଛି, କେଉଁ କାର୍ଯ୍ୟ ମନ୍ଥର ହେଉଛି ତାହା ସମୀକ୍ଷା କରାଯାଇଥିଲା। ଏହା ସହିତ ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟଜଳ, ରାସ୍ତାଘାଟ, ପ୍ରସ୍ତାବିତ ହସ୍ପିଟାଲର ସ୍ଥିତାବସ୍ଥା, ବ୍ଲକ୍‌ରେ କୋଭିଡ୍ ସୁପରିଚାଳନା ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିରେ ବ୍ଲକ୍ ଅଧ୍ୟକ୍ଷା ଶାନ୍ତି ପ୍ରଧାନ, ଜିଲାପରିଷଦ ଉପାଧ୍ୟକ୍ଷା ପଙ୍କଜିନୀ ପ୍ରଧାନ, ତହସିଲଦାର ବିଶ୍ୱକେଶନ ପାଣ୍ଡେ, ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସକ ଡା. ବୈକୁଣ୍ଠନାଥ କଶ୍ୟପ, ସହକାରୀ ନିର୍ବାହୀଯନ୍ତ୍ରୀ ହରିବନ୍ଧୁ ସାହୁ, ସିଡିପିଓ ଲକ୍ଷ୍ମୀପ୍ରିୟା ବହିଦାର, ଆର୍‌ଡବ୍ଲ୍ୟୁଏସ୍‌ଏସ୍ ନିର୍ବାହୀ ଯନ୍ତ୍ରୀ, କନିଷ୍ଠଯନ୍ତ୍ରୀ ଓ ଜନପ୍ରତିଧିମାନେ ଉପସ୍ଥିତ ଥିଲେ।

# ଗର୍ଭବତୀଙ୍କ ଅଲଟ୍ରାସାଉଣ୍ଡ ପରୀକ୍ଷାରେ ପାତରଅନ୍ତର ନୀତି

ସୁନ୍ଦରଗଡ଼,୨୮।୫(ଡି.ଏନ୍.ଏ)

ଗର୍ଭବତୀ ଓ ପ୍ରସୂତୀ ମହିଳାଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ନିମନ୍ତେ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ସୁନ୍ଦରଗଡ ଜିଲାରେ ଗର୍ଭବତୀ ମହିଳାଙ୍କ ପାଇଁ ମାଗଣାରେ ଅଲଟ୍ରାସାଉଣ୍ଡ ପରୀକ୍ଷା ସୁବିଧା ଯୋଗାଇ ଦେବା ପାଇଁ ଜିଲା ଖଣିଜ ପାଣ୍ଠିରୁ ଜିଲା ମୁଖ୍ୟ ଡାକ୍ତରଖାନାରେ ଏହି ସୁବିଧା ଯୋଗାଇ ଦିଆଯାଉଛି। ହେଲେ ଏହି ପରୀକ୍ଷାବେଳେ କରାଯାଉଥିବା ପାତରଅନ୍ତର ନୀତିକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଶୁକ୍ରବାର ଜିଲା ମୁଖ୍ୟ ଡାକ୍ତରଖାନାରେ ଅଲଟ୍ରାସାଉଣ୍ଡ ପରୀକ୍ଷା ପାଇଁ ଆସି ଘଣ୍ଟାଘଣ୍ଟା ଧରି ଅପେକ୍ଷାରତ ଗର୍ଭବତୀ ମହିଳାଙ୍କୁ ଉପେକ୍ଷା କରି ଜିଲାପାଳଙ୍କ ସ୍ତ୍ରୀଙ୍କ ଆଗୁଆ ଅଲଟ୍ରାସାଉଣ୍ଡ ପରୀକ୍ଷାକୁ ନେଇ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏଠାକୁ ଅଲଟ୍ରାସାଉଣ୍ଡ ପରୀକ୍ଷା ସକାଶେ ଆସିଥିବା ସ୍ଥାନୀୟ ଖମାରୀ ପଡାର ଦୀପାଞ୍ଜଳି ପତିଙ୍କ ଅଭିଯୋଗ ଅନୁସାରେ ସେ ଓ ଅନ୍ୟ ପ୍ରାୟ ୧୨ ଜଣ ମହିଳା ସକାଳ ୯ଟାରୁ ଆସି ଅଲଟ୍ରାସାଉଣ୍ଡ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ପାଇଁ ବସିଥିଲେ। ଡାକ୍ତରଙ୍କୁ ଦୀର୍ଘ ସମୟ ଧରି ଅପେକ୍ଷା କରିବା ପରେ ଡାକ୍ତର ଦିନ ପ୍ରାୟ ୧୧ଟାରେ ଆସି ପହଞ୍ଚି ଥିଲେ। ଏହା ପରେ ଜିଲାପାଳଙ୍କ ଗାଡିରେ କଡା ସୁରକ୍ଷା ମଧ୍ୟରେ ଜିଲାପାଳଙ୍କ ସ୍ତ୍ରୀ ଆସି ପହଞ୍ଚିଥିଲେ। ଏହା ପରେ ସିଡିଏମଓ ସରୋଜ ମିଶ୍ର ମଧ ପହଞ୍ଚି ଥିଲେ। ପୂର୍ବରୁ ପରୀକ୍ଷା ପାଇଁ ଆସିଥିବା ମହିଳାମାନଙ୍କ ଅଲଟ୍ରାସାଉଣ୍ଡ ପରୀକ୍ଷା କରା ନ ଯାଇ ପ୍ରଥମେ ଜିଲାପାଳଙ୍କ ସ୍ତ୍ରୀଙ୍କ ପରୀକ୍ଷା କରାଯାଇଥିଲା। ପ୍ରାୟ ୪୦ରୁ ୪୫ମିନିଟ ଧରି ଜିଲାପାଳଙ୍କ ସ୍ତ୍ରୀଙ୍କ ଅଲଟ୍ରାସାଉଣ୍ଡ ପରୀକ୍ଷା ସରିବା ପରେ ଅନ୍ୟ ଗର୍ଭବତୀଙ୍କ ପରୀକ୍ଷା କରାଯାଇଥିଲା। ତାହା ପୁଣି ୧୦ ରୁ ୧୫ ମିନିଟ ଲେଖାଏଁ। ଏହାକୁ ନେଇ ଉପସ୍ଥିତ ମହିଳାଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏ ନେଇ ସେଠାରେ ଉପସ୍ଥିତ ସିଡିଏମଓଙ୍କୁ ଅଭିଯୋଗ ପରେ ସେ କିଛି ଉତ୍ତର ନ ଦେଇ ଚାଲିଯାଇଥିଲେ। ଏ ସମ୍ପର୍କୀତ ଭିଡିଓ ବିଭିନ୍ନ ସୋସିଆଲ ମିଡ଼ିଆରେ ମଧ ଭାଇରାଲ ହୋଇଛି। ସାଧାରଣ ଲୋକଙ୍କ ପାଇଁ ଗୋଟିଏ ନିୟମ ଥିଲାବେଳେ ଜିଲାପାଳଙ୍କ ସ୍ତ୍ରୀଙ୍କ ପାଇଁ କ'ଣ ଆଉ ଗୋଟିଏ ଅଲଗା ନିୟମ ବୋଲି ଏହି ମହିଳାମାନେ ପ୍ରଶ୍ନ କରିଛନ୍ତି।

# ଭାଜପା ପକ୍ଷରୁ ବନ୍ୟା ଅଞ୍ଚଳକୁ ପଠାଗଲା ଶୁଖିଲା ଖାଦ୍ୟ

ଝାରସୁଗୁଡ଼ା ଅଫିସ,୨୮।୫

ବାତ୍ୟା ୟାସ୍ ପ୍ରଭାବରେ ରାଜ୍ୟର କେତେକ ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ପାଣିଘେରରେ ଲୋକେ ଦୟନୀୟ ଅବସ୍ଥାରେ ରହିଛନ୍ତି। ଏହାକୁ ଦୃଷ୍ଟିରେ ରଖି ଝାରସୁଗୁଡା ଜିଲା ଭାଜପା ତରଫରୁ ଶୁକ୍ରବାର ୨ ଟ୍ରକ୍‌ରେ ଶୁଖିଲା ଖାଦ୍ୟ ବୋଝେଇକରି ବନ୍ୟା ପ୍ରପୀଡିତ ଭଦ୍ରକ ଜିଲାକୁ ପଠାଯାଇଛି। ଏହା ମଧ୍ୟରେ ଚୂଡା, ଚିନି, ଅମୂଲ, ବିସ୍କୁଟ୍, ଚା'ପତି, ଦିଆସିଲ ଆଦି ସାମଗ୍ରୀ ରହିଛି। ନେତା ଓ କର୍ମୀମାନେ ଦଳୀୟ ପତାକା ଦେଖାଇଲା ପରେ ଟ୍ରକ୍ ଗନ୍ତବ୍ୟ ପଥରେ ବାହାରିଥିଲା। ଭାଜପା ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ, ଜିଲା ସଭାପତି ମଙ୍ଗଳ ସାହୁ, ପୂର୍ବତନ ବିଧାୟିକା ରାଧାରାଣୀ ପଣ୍ଡା, ସୁନିଲ ପଣ୍ଡା ଉପସ୍ଥିତ ଥିଲେ।

# ବାତ୍ୟା 'ୟାସ୍' ପ୍ରଭାବ: ଭାଙ୍ଗିଲା ଅନେକ ଘର




ଘର ଭାଙ୍ଗିଥିବା ଦୁଇ ଅସହାୟ ପରିବାର ସଦସ୍ୟ।

ଲହୁଣୀପଡ଼ା,୨୮।୫(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ଅଞ୍ଚଳରେ ବାତ୍ୟା 'ୟାସ'ର ପ୍ରଭାବରେ ତିନି ଦିନ ଧରି ବର୍ଷା ଲାଗି ରହିଥିବାରୁ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାପଡିଛି। ବାତ୍ୟା ପ୍ରଭାବରେ ଅନେକ ଘର, ଗଛ ଭାଙ୍ଗିଥିବା ଜଣାପଡ଼ିଛି। ବାତ୍ୟା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଲହୁଣୀପଡା ବ୍ଲକକୁ ସତର୍କ ସୂଚନା ଦିଆଯାଇଥିଲା। ସେହି ଦୃଷ୍ଟିରୁ ବ୍ଲକ ପ୍ରଶାସନ ତରଫରୁ ମଧ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଥିଲା। ତିନୋଟି ସ୍ଥାନରେ ଲୋକଙ୍କୁ ଉଠେଇ ନେଇ ସୁରକ୍ଷିତ ଭାବେ ରଖାଯାଇଥିଲା। କିନ୍ତୁ ଦୁଇ ଦିନ ଧରି ଏଠାରେ ବିଦ୍ୟୁତ୍ ସରବରାହ ବନ୍ଦ କରି ଦିଆଯାଇଥିବାରୁ ଅନେକ ଗ୍ରାମରେ ପାନୀୟ ଜଳଯୋଗାଣ ଉପରେ ଅସୁବିଧା ହୋଇଥିବା ଜଣାପଡ଼ିଛି। ଏହି ତିନି ଦିନିଆ ଝଡି ବର୍ଷା ଯୋଗୁଁ ଏ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଅନେକ ସ୍ଥାନରେ ବହୁ ପୁରାତନ ଗଛଗୁଡିକ ଉପୁଡି ପଡ଼ି ଘର ଉପରେ ମାଡ଼ି ବସିଛି। ଫଳରେ ଅନେକ ଲୋକଙ୍କ ଘର ଭାଙ୍ଗିଯାଇଛି। ଲହୁଣୀପଡା ତହସିଲ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ଘର ଭାଙ୍ଗି ଯାଇଥିବା ଲିଖିତ ଅଭିଯୋଗ କରିଛନ୍ତି। ସେଥିମଧ୍ୟରୁ ଲହୁଣୀପଡା ତହସିଲ ଅନ୍ତର୍ଗତ ଗୋଟାଏ ଗାଈ ଗୋହାଳ ଭାଙ୍ଗି ଯାଇଥିବା ବେଳେ ୧୯ଟି ଘର ଭାଙ୍ଗିଯାଇଛି ବୋଲି ରାଜସ୍ୱ ଅଧିକାରୀମାନଙ୍କ ନିକଟରେ ସମ୍ପୃକ୍ତ ଲୋକେ ଅଭିଯୋଗ କରିଛନ୍ତି। ଲହୁଣୀପଡା ତହସିଲଦାର ମୁରଲୀଧର ଉର୍ମାଲ, ଅତିରିକ୍ତ ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ ସହକର୍ମୀମାନେ ମିଳିତ ଭାବେ ବର୍ଷା ଯୋଗୁ ଭାଙ୍ଗି ଯାଇଥିବା ଘର ମାଲିକଙ୍କୁ ପଲିଥିନ ବଣ୍ଟନ କରିଥିଲେ। କେତେକ ଅଞ୍ଚଳର କ୍ଷତିଗ୍ରସ୍ତ ପରିବାରଗୁଡ଼ିକୁ ରାଜସ୍ୱ ଅଧିକାରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା ବୋଲି ଜଣାପଡ଼ିଛି।

## ଘର ଉପରେ ପଡ଼ିଲା ଗଛ, ଅଳ୍ପକେ ବର୍ତ୍ତିଲେ ପରିବାର ଲୋକ

ଲହୁଣୀପଡ଼ା, ୨୮।୫(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା କେ.ବଲାଙ୍ଗ ଥାନା ଅନ୍ତର୍ଗତ ଗୋପନା ପଞ୍ଚାୟତ କରେଇବୁଆଁ ଗ୍ରାମରେ ଜଣଙ୍କ ଘର ଉପରେ ଗଛ ପଡ଼ିଯିବାରୁ ଆଜବେଷ୍ଟସ୍‌ଗୁଡିକ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି। ପରିବାର ଲୋକେ ଅଳ୍ପକେ ବର୍ତ୍ତି ଯାଇଥିବା ଜଣାପଡ଼ିଛି। ଅନବରତ ବର୍ଷା ଯୋଗୁ ଘର ଉପରେ ଏକ ଗଛ ଭାଙ୍ଗି ପଡ଼ିଯାଇଥିଲା। ଘରର ଆଜବେଷ୍ଟସ୍ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବା ବେଳେ ଘର ଭିତରେ ଥିବା ଧାନ ଚାଉଳ ଓ ଅନ୍ୟ ଜିନିଷଗୁଡିକ ମଧ ବର୍ଷାରେ ଭିଜିଯାଇ ନଷ୍ଟ ହୋଇଯାଇଛି ବୋଲି ଗୋପନା ପଞ୍ଚାୟତ କରେଇବୁଆଁ ଗ୍ରାମର ବଳବୀର ସିଂ ଅଭିଯୋଗ କରିଛନ୍ତି। ତିନିଦିନ ଧରି ଅନବରତ ବର୍ଷା ଯୋଗୁ ଲୋକମାନେ ଘରୁ ବାହାରି ନ ପାରି ଘର ଭିତରେ ରହିବା ପାଇଁ ବାଧ ହୋଇଥିଲେ। ବଳବୀର ସିଂଙ୍କ ପରିବାର ଲୋକମାନେ ମଧ ଘର ଭିତରେ ଥିଲେ। କିନ୍ତୁ ହଠାତ ତାଙ୍କ ଘର ଉପରେ ଗଛ ଭାଙ୍ଗି ପଡ଼ିଯିବାରୁ ପରିବାର ଲୋକେ ଅନ୍ୟ ଘରକୁ ଜୀବନ ବିକଳରେ ଦୌଡ଼ି ପଳେଇ ଯାଇଥିଲେ। ବଳବୀରଙ୍କ ପୁଅ ଜୀବନ ବଞ୍ଚାଇବା ପାଇଁ ପଲଙ୍କ ତଳେ ପଶି ଯାଇଥିଲେ ବୋଲି ଜଣାପଡିଛି। ଏ ସଂକ୍ରାନ୍ତରେ ଗୋପନା ରାଜସ୍ୱ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ରାଜସ୍ୱ ବିଭାଗ ପକ୍ଷରୁ ମଧ ତଦନ୍ତ ଆରମ୍ଭ କରାଯାଇଛି ବୋଲି ଜଣାପଡିଛି।


ଲହୁଣୀପଡ଼ା ଅଞ୍ଚଳରେ ଗଛମାଡ଼ି ବସି ଘର ଭାଙ୍ଗିଛି।

## ସମ୍ବଲପୁରରେ ବ୍ୟାପକ କ୍ଷୟକ୍ଷତି

ସମ୍ବଲପୁର,୨୮।୫(ବ୍ୟୁରୋ)

ବାତ୍ୟା ୟାସ୍ ପ୍ରଭାବରେ ସମ୍ବଲପୁର ଜିଲାରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଧାନ ଅମଳ ପୂର୍ବରୁ ଦୁଇଦିନ ଧରି ଅଦିନିଆ ବର୍ଷା ହେବା ଯୋଗୁ ଚାଷୀଙ୍କ ହଜାର ହଜାର ଏକର ଜମିର ଫସଲ ପାଣିରେ ଓଦା ହୋଇ ନଷ୍ଟ ହୋଇଯାଇଛି। ଯେଉଁ ଚାଷୀମାନେ ଧାନ ଅମଳ କରି ଖଳାରେ ରଖିଥିଲେ ତାହା ଭିଜିଯାଇଥିବାବେଳେ କ୍ଷେତରେ ଥିବା ଧାନ ପାଣିରେ ବୁଡ଼ିରହିଛି। ଫଳରେ ଧାନ ଗଜା ହେବା ଆଶଙ୍କା କରି ଚାଷୀ ମୁଣ୍ଡରେ ହାତଦେଇ ବସିଛି। ଏପରି ସ୍ଥିତି ଜିଲାର ସବୁ ଅଞ୍ଚଳରେ ଦେଖିବାକୁ ମିଳଛି। କ୍ଷତିଗ୍ରସ୍ତ ଚାଷୀ ଏବେ କିପରି କ୍ଷତିପୂରଣ ପାଇବେ ଓ ପରିବାର ପ୍ରତିପୋଷଣ କରିବେ ସେହି ଚିନ୍ତାରେ ଦିନ କାଟୁଛନ୍ତି। ରେଙ୍ଗାଲି ବିଧାନସଭା ଅଞ୍ଚଳର ବିଭିନ୍ନ ଜଳସେଚିତ ଅଞ୍ଚଳର କ୍ଷୟକ୍ଷତି ବୁଝିବା ସହ ପରିସ୍ଥିତି ଅନୁଧ୍ୟାନ କରିଛନ୍ତି ସ୍ଥାନୀୟ ବିଧାୟକ ନାଉରୀ ନାଏକ। ବିଧାୟକଙ୍କ ସହିତ ସମ୍ବଲପୁର ଜିଲା ପରିଷଦ ଅଧକ୍ଷ ରାଧେଶ୍ୟାମ ବାରିକ, ଧନକଉଡା ବ୍ଲକ କୃଷି ଅଧିକାରୀ ଉଦିତ କୁମାର ତ୍ରିପାଠୀ ପ୍ରମୁଖ ରେଙ୍ଗାଲି ନିର୍ବାଚନମଣ୍ଡଳୀର ଶାଳଖଣ୍ଡା ଓ କନଖଣ୍ଡା ପଞ୍ଚାୟତର ପ୍ରଭାବିତ ଅଞ୍ଚଳ ବୁଲି ଦେଖିଥିଲେ।

## ଶାଳ ପତ୍ର ବୋଝେଇ ପିକ୍‌ଅପ୍ ଜବତ

ନର୍ଲା,(ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲା ରେଞ୍ଜ ପକ୍ଷରୁ ଶୁକ୍ରବାର ଭୋରେ୍ ଚଢ଼ାଉ କରି ୮୫ଖଣ୍ଡ ଶାଳପଟା ଭର୍ତ୍ତି ପିକ୍‌ଅପକୁ ଜବତ କରାଯାଇଛି। ନର୍ଲା ଦେଇ ଏକ ଶାଳପଟା ବୋଝେଇ ପିକ୍‌ଅପ୍ ବୋଲେରୋ ଯାଉଥିବା କୌଣସି ମତେ ବନ ବିଭାଗ ଖବର ପାଇଥିଲା। ନର୍ଲା ରେଞ୍ଜର ଗିରିଧାରୀ ନାଗ ଏବଂ ନର୍ଲା ଫରେଷ୍ଟରଙ୍କ ଦଳବଳ ସମେତ ପିକ୍‌ଅପ୍ ଗାଡ଼ିକୁ ପିଛା କରି ନର୍ଲା ଚିପୁଲଠାରେ ଅଟକାଇ ଚଢ଼ାଉ କରିଥିଲେ। ଗାଡ଼ିରୁ ୮୫ ଖଣ୍ଡ ଶାଳପଟା ସହିତ ପିକ୍‌ଅପ୍ ଜବତ କରାଯାଇଛି। କୌଣସିମତେ ଘଟଣାସ୍ଥଳରୁ କାଠ ମାଫିଆ ଏବଂ ଡ୍ରାଇଭର ଖସି ପଳାଇଥିଲେ ବୋଲି ନର୍ଲା ରେଞ୍ଜର ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ନାଗରିକ କମିଟି ପକ୍ଷରୁ ମାହେଶ୍ୱରୀ ଅନୁଷ୍ଠାନକୁ ସହାୟତା

ବଲାଙ୍ଗୀର ଅଫିସ, ୨୮।୫: ବଲାଙ୍ଗୀର ନାଗରିକ କମିଟି ପକ୍ଷରୁ ମାହେଶ୍ୱରୀ ଅନୁଷ୍ଠାନର ନିର୍ଦ୍ଦେଶକ ଅଙ୍କୁଶ ପାଣ୍ଡିଆ ଏବଂ ସଭାପତି ଶୋହନ ଅଗ୍ରୱାଲଙ୍କୁ କରୋନା ମୁକାବିଲା ଦିଗରେ ଆର୍ଥିକ ସହାୟତା, ହେଣ୍ଡ ଗ୍ଲୋବ ଏବଂ ସଦସ୍ୟମାନଙ୍କ ବ୍ୟବହାର ପାଇଁ ହୋମିଓପାଥିକ ଔଷଧ ପ୍ରଦାନ କରାଯାଇଛି। ନାଗରିକ କମିଟି ସଭାପତି ବିକ୍ରମାନନ୍ଦ ବହିଦାର ଏବଂ ସମ୍ପାଦକ ବିଷ୍ଣୁ ପ୍ରସାଦ କେଡିଆ ଏହା ପ୍ରଦାନ କରିଛନ୍ତି। ସରକାର, ଜିଲା ପ୍ରଶାସନ, ସାଂସଦ, ବିଧାୟକଙ୍କ ସହଯୋଗରେ ଏହି ମହାମାରୀ ବିପତ୍ତିର ଦୃଢ଼ ମୁକାବିଲା କରିବାର ଆବଶ୍ୟକତା ରହିଛି ବୋଲି କମିଟି ପକ୍ଷରୁ କୁହାଯାଇଛି।

### ନାତି ଟାଙ୍ଗିଆ ଚୋଟରେ ଆଈ ମୃତ

ଭବାନୀପାଟଣା, ୨୮।୫ (ଡି.ଏନ.ଏ.): କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ବୁରୋଭଟ୍ଟା ଗାଁରେ ନାତିଙ୍କ ଟାଙ୍ଗିଆ ଚୋଟରେ ଆଈଙ୍କ ମୃତ୍ୟୁ ହୋଇଛି। ସଦର ପୋଲିସ ନାତି ବିକ୍ରମ ରଣା (୨୦)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁସାରେ ବୁରୋଭଟ୍ଟା ଗାଁର ବିକ୍ରମ ୧୦ ହଜାର ଟଙ୍କା ଆଈ ସୁବଳୟା ରଣା (୮୦)ଙ୍କୁ ମାଗିଥିଲେ। ଗରିବ ବୃଦ୍ଧା ଏତେ ଟଙ୍କା କେଉଁଠୁ ଆଣିବି ବୋଲି କହିବାରୁ ବିକ୍ରମ ଉତ୍ତ୍ୟକ୍ତ ହୋଇ ଏକ ଟାଙ୍ଗିଆ ଫସା (ବାଡି)ରେ ଆଈଙ୍କୁ ମାଡ ମାରିଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସୁବଳୟାଙ୍କ ମୃତ୍ୟୁ ହୋଇଥିବା ନେଇ ଥାନା ଅଧିକାରୀ ପ୍ରଦୀପ ଧରୁଆ ସୂଚନା ଦେଇଛନ୍ତି।

### ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଉଦ୍‌ଘାଟିତ

କୋକସରା, ୨୮।୫ (ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ବ୍ଲକ ଉହଗାଁଠାରେ ଶୁକ୍ରବାର ନୂତନ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଧର୍ମଗଡ ବିଧାୟକ ମୌଷଧି ବାଗ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ କୋକସରା ତହସିଲଦାର ମନୋଜ କୁମାର ପାଢୀ, ପୂର୍ବତନ ଜିଲା ପରିଷଦ ସଭ୍ୟ ଭିକାରୀ ନିଆଲ, ବିଜୁ ଜନତା ଦଳ ପଞ୍ଚାୟତ ସଭାପତି ଲଳିତ ମିଶ୍ର, ଗୁମାନ ସିଂ ରାଜପୁତ, ରାମକୃଷ୍ଣ ପୂଝାରୀ, ଅଶୋକ ପୂଝାରୀ ପ୍ରମୁଖ ଉପସ୍ଥିତ ଥିଲେ।

### କରୋନା ଆକ୍ରାନ୍ତଙ୍କ ପରିବାରକୁ ଶୁଖିଲା ଖାଦ୍ୟ ପ୍ରଦାନ

ଜୁନାଗଡ, ୨୮।୫ (ଡି.ଏନ.ଏ.): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଓଡିଶା ମୋ ପରିବାର ଆଦର୍ଶରେ ଅନୁପ୍ରାଣିତ ହୋଇଛନ୍ତି ଜୁନାଗଡ ବିଧାୟକ ତଥା ମନ୍ତ୍ରୀ କ୍ୟାପ୍‌ଟେନ ଦିବ୍ୟ ଶଙ୍କର ମିଶ୍ର। ଏହିକ୍ରମରେ ଜୁନାଗଡ ନିର୍ବାଚନୀ ମଣ୍ଡଳୀର କରୋନା ଆକ୍ରାନ୍ତ ହୋଇ ଘରେ ରହି ଚିକିତ୍ସିତ ହେଉଥିବା ବ୍ୟକ୍ତିଙ୍କ ପରିବାରକୁ ମନ୍ତ୍ରୀ ମିଶ୍ର ସହଯୋଗର ହାତ ବଢାଇଛନ୍ତି। କରୋନା ଆକ୍ରାନ୍ତ ଥିବା ବ୍ୟକ୍ତିଙ୍କ ପରିବାରକୁ ଚିହ୍ନଟ କରି ସ୍ଥାନୀୟ ସ୍ୱେଚ୍ଛାସେବୀମାନଙ୍କ ଜରିଆରେ ଶୁଖିଲା ଖାଦ୍ୟ ଓ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ପଠାଉଛନ୍ତି। ସବୁ ପରିସ୍ଥିତିରେ ସର୍ବଦା ଲୋକଙ୍କ ସହିତ ମୁଁ ରହିଛି ବୋଲି ମନ୍ତ୍ରୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ଏହି କାର୍ଯ୍ୟରେ ମନ୍ତ୍ରୀଙ୍କ ସହ ତାଙ୍କ ରାଜନୈତିକ ସଚିବ ଦିନେଶ ବଗର୍ତ୍ତୀ, ଭବାନୀପାଟଣା ପୂର୍ବତନ ପୌରାଧକ୍ଷ ଆଦିତ୍ୟ ପ୍ରସାଦ ନନ୍ଦ, ଜୁନାଗଡ ପୂର୍ବତନ ଏନ୍‌ଏସି ଅଧକ୍ଷ ମହେଶ ସାହୁ, ମହିଚଲା ସରପଞ୍ଚ ଅଜୟ ବେହେରା, ବାପି ରାଉତ, ବିବେକ ଅଗ୍ରୱାଲ, କାମାକ୍ଷ ପ୍ରସାଦ ପ୍ରଧାନୀ, ପୂର୍ଣ୍ଣଚନ୍ଦ୍ର ଖିତି, ସୁରେନ୍ଦ୍ର ସୁନାନୀ, ଅର୍ଜୁନ ବାଗ ପ୍ରମୁଖ ସହଯୋଗ କରୁଛନ୍ତି।

### ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା

ଖଡ଼ିଆଳ, ୨୮।୫ (ଡି.ଏନ.ଏ.) : ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ପୋଡ଼ାପାଲି ଜଙ୍ଗଲରେ ଜଣେ ବ୍ୟକ୍ତି ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମୃତକ ହେଲେ ପୋଡ଼ାପାଲିର ମିଳନ ମାଝି (୫୦)। ଗୁରୁବାର ସନ୍ଧ୍ୟାରେ ସେ ଘରୁ ବାହାରି ଆଉ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରିଥିଲେ ବି ତାଙ୍କର କୌଣସି ପତ୍ତା ମିଳି ନ ଥିଲା। ଶୁକ୍ରବାର ସକାଳୁ ନିଜ ଜମି ନିକଟସ୍ଥ ଜଙ୍ଗଲରେ ଗାମୁଛା ବେଗରେ ଲଗାଇ ଆତ୍ମହତ୍ୟା କରିଥିବା ଦେଖିବାକୁ ମିଳିଛି। ଏ ନେଇ ପରିବାର ଲୋକେ ଖଡ଼ିଆଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଖଡ଼ିଆଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଅବଧି ନ ବଢ଼ିଲେ ଆନ୍ଦୋଳନ

ବରଗଡ଼ ଅଫିସ୍,୨୮।୫

- ଟୋକନ ସମସ୍ୟା, ତେଜୁଛି ଆନ୍ଦୋଳନ
- ଅତିରିକ୍ତ ଜିଲାପାଳଙ୍କୁ ଭେଟିଲେ ଚାଷୀ
- ଯୋଗାଣ ଅଫିସ୍‌ରେ ଭାଜପାର ଧାରଣା



ଟୋକନ ସମସ୍ୟା ନେଇ ଭାଜପା ପକ୍ଷରୁ ଜିଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କ ଅଫିସ ଆଗରେ ଧାରଣା ଦିଆଯାଇଛି ।

ବରଗଡ଼ ଜିଲାରେ ରବିଋତୁ ଧାନ ସଂଗ୍ରହ ପ୍ରକ୍ରିୟାରେ ଟୋକନ କଟକଣା ବାଧକ ସାଜିଛି। କରୋନା କାଳରେ ଟୋକନ ଅବଧି ବୃଦ୍ଧି ବଦଳରେ ରାଜ୍ୟ ସରକାର ଏହାକୁ ୧୨ଦିନକୁ ହ୍ରାସ କରିଛନ୍ତି। ଫଳରେ ଚାଷୀମାନେ ଧାନକୁ ମଣ୍ଡିରେ ବିକ୍ରି କରିବାର ସୁଯୋଗ ପାଉ ନାହାନ୍ତି। ଅନ୍ୟପକ୍ଷେ ମୁନାଫାଖୋର ବେପାରୀମାନେ ଏହାର ଫାଇଦା ଉଠାଉଛନ୍ତି। ଏହାକୁ ନେଇ ଜିଲାରେ ଚାଷୀ ଆନ୍ଦୋଳନ ତେଜି ଉଠୁଛି। ଏହି କ୍ରମରେ ଶୁକ୍ରବାର ଜିଲାର ଏକ ଚାଷୀ ପ୍ରତିନିଧି ଦଳ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ ଏବଂ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ରଜନୀକାନ୍ତ ଦାଶଙ୍କୁ ଭେଟି ସମସ୍ୟା ଉପସ୍ଥାପନ କରିଛନ୍ତି । ଟୋକନ ଅବଧି ବୃଦ୍ଧି କରା ନ ଗଲେ ଆଗକୁ ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

ଲକ୍ ଡାଉନ ଯୋଗୁ କୃଷି ଶ୍ରମିକ ଅଭାବ, କାଳବୈଶାଖୀ ଯୋଗୁ ଚାଷୀମାନେ ଧାନ ଅମଳ କରି ପାରୁନାହାନ୍ତି। ସେମାନଙ୍କୁ ମିଳିଥିବା ଟୋକନ ଅବଧି ସରି ଯାଉଛି। ଫଳରେ ଚାଷୀମାନେ ଧାନ ବିକ୍ରି କରି ପାରୁ ନ ଥିବା ଚାଷୀ ପ୍ରତିନିଧିମାନେ ଅତିରିକ୍ତ ଜିଲାପାଳ ଏବଂ ଜିଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଚାଷୀନେତା ଗୌରଚନ୍ଦ୍ର ଖମାରୀ, ରବିନ୍ଦ୍ର ବିଶି, ଲକ୍ଷ୍ମଣ ନନ୍ଦ, ବିଶ୍ୱନାଥ ସାହୁ, ଗୋବର୍ଦ୍ଧନ ପାତ୍ର, ଦୀପକ ସାହୁ ପ୍ରମୁଖ ଚାଷୀ ପ୍ରତିନିଧି ଦଳରେ ଥିଲେ। ସେହିପରି ଭାଜପାର ଏକ ପ୍ରତିନିଧି ଦଳ, ଚାଷୀ ଅନୁରୂପ ଅଭିଯୋଗ ନେଇ ଜିଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କ ଅଫିସ ଆଗରେ ଧାରଣାରେ ବସିଥିଲେ। ଅଣଜଳସେଚିତ ଅଞ୍ଚଳରେ ଅଢ଼େଇ ଏକର ଜମିରୁ ଅମଳ ହୋଇଥିବା ସର୍ବାଧିକ ୬୫କୁଇଣ୍ଟାଲ ଧାନ ବିକ୍ରି ଯୋଗ୍ୟ ବୋଲି ରାଜ୍ୟ ସରକାର କହିଛନ୍ତି। ମାତ୍ର ଟୋକନରେ ୧ରୁ ୭କୁଇଣ୍ଟାଲ ଉଲ୍ଲେଖ କରାଯିବା ଭଳି ତ୍ରୁଟି ପରିଲକ୍ଷିତ ହୋଇଛି। ସେ ଦିଗରେ ବିହିତ ପଦକ୍ଷେପ ନିଆଯାଉଛି ବୋଲି ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ଦାଶ କହିଥିଲେ। ଧାରଣାରେ ଭାଜପାର ଜିଲା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ଅବନୀକାନ୍ତ ପଣ୍ଡା, ଅମିତ ପଣ୍ଡା, ପରୀକ୍ଷିତ ଛତର ପ୍ରମୁଖ ସାମିଲ ହୋଇଥିଲେ।

# ‘ବଲାଙ୍ଗୀରରେ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯାଉ’

ବଲାଙ୍ଗୀର ଅଫିସ, ୨୮।୫

**ଡବ୍ଲ୍ୟୁଓଡିସି ଅଧକ୍ଷଙ୍କୁ ଚିଠି ଲେଖିଲେ ଲୋଇସିଂହା ବିଧାୟକ**

ବଲାଙ୍ଗୀର ଠାରେ ପଶ୍ଚିମ ଓଡିଶା ବିକାଶ ପରିଷଦ (ଡବ୍ଲ୍ୟୁଓଡିସି) ପକ୍ଷରୁ ଏକ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯାଉ ବୋଲି ଲୋଇସିଂହା ବିଧାୟକ ଡ. ମୁକେଶ ମହାଲିଙ୍ଗ ଡବ୍ଲ୍ୟୁଓଡିସି ଅଧକ୍ଷ ଅସିତ ତ୍ରିପାଠୀଙ୍କୁ ଚିଠି ଲେଖିଛନ୍ତି। ବିଧାୟକ ମହାଲିଙ୍ଗ ତାଙ୍କ ଚିଠିରେ ଦର୍ଶାଇଛନ୍ତି ଯେ, ପଶ୍ଚିମ ଓଡିଶାରେ ଅଧିକାଂଶ ଲୋକ କୃଷି ଉପରେ ନିର୍ଭରଶୀଳ । ଏହି ଅଞ୍ଚଳରେ କୃଷିର ଉନ୍ନତି ହେଲେ ଏଠାକାର ଦାଦନ ଶ୍ରମିକ ସମସ୍ୟା ଓ ବେକାରି ସମସ୍ୟାର ସମାଧାନ ହେବା ସହ ଅଞ୍ଚଳରେ ନିଯୁକ୍ତି ସୁବିଧା ସୃଷ୍ଟି ହୋଇପାରିବ । ଏଥିସହିତ କୃଷିକ୍ଷେତ୍ରରେ ଛାତ୍ରୀଛାତ୍ର ଗବେଷଣାର ସୁଯୋଗ ପାଇପାରିବେ। ଭୌଗୋଳିକ ସ୍ଥିତି ଦୃଷ୍ଟିରୁ ବରଗଡ, ନୂଆପଡା, କଳାହାଣ୍ଡି, ସୁବର୍ଣ୍ଣପୁର ଓ ବୌଦ୍ଧ ଜିଲାର କେନ୍ଦ୍ରସ୍ଥଳ ବଲାଙ୍ଗୀରରେ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେଲେ ଏହି ସମସ୍ତ ଅଞ୍ଚଳର ଲୋକେ ଉପକୃତ ହେବେ । ସେ ଦର୍ଶାଇଛନ୍ତି ଯେ, ପଶ୍ଚିମ ଓଡିଶାର ସାମାଜିକ-ଅର୍ଥନୈତିକ ଉନ୍ନତ ପାଇଁ ଶିକ୍ଷାର ପ୍ରସାର ଦିଗରେ କାର୍ଯ୍ୟ କରିବା ଡବ୍ଲ୍ୟୁଓଡିସିର ଅନ୍ୟତମ ଲକ୍ଷ୍ୟ। ବଲାଙ୍ଗୀରରେ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଗଲେ ଏହି ଲକ୍ଷ୍ୟ ପୂରଣ ହେବା ସହ ଅଞ୍ଚଳର ଲୋକେ ବିଶେଷ ଉପକୃତ ହେବେ । ସମଗ୍ର ଭାରତବର୍ଷରେ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବାଦ୍ କୃଷିକ୍ଷେତ୍ର ହିଁ ସର୍ବାଧିକ ନିଯୁକ୍ତି ଯୋଗାଇ ଆସୁଛି । ଏହି ଅଞ୍ଚଳରେ ବେରୋଜଗାରୀ ବୃଦ୍ଧି ପାଉଥିବାରୁ ତୁରନ୍ତ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯାଉ ବୋଲି ବିଧାୟକ ମହାଲିଙ୍ଗ ଡବ୍ଲ୍ୟୁଓଡିସି ଅଧକ୍ଷ ତ୍ରିପାଠୀଙ୍କୁ ଚିଠି ଲେଖିଛନ୍ତି।

ସୂଚନାଯୋଗ୍ୟ, କେବିକେ ଅଞ୍ଚଳରେ ରାଜ୍ୟର ଦ୍ୱିତୀୟ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିଯିବା ଦିଗରେ ସରକାର ବିଚାର କରୁଛନ୍ତି ବୋଲି ପୂର୍ବତନ କୃଷି ମନ୍ତ୍ରୀ ପ୍ରଦୀପ ମହାରଥୀ ଘୋଷଣା କରିଥିଲେ। ଅପରପକ୍ଷରେ ବଲାଙ୍ଗୀରରେ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯାଉ ବୋଲି ଜିଲାବାସୀ ଦୀର୍ଘବର୍ଷରୁ ଦାବି କରିବା ସହ ଆନ୍ଦୋଳନ ଜାରି ରଖିଛନ୍ତି।

# କ୍ୱାଲିଟି ଆନାଲିସିସ୍ କର୍ମଚାରୀଙ୍କୁ ମିଳିନି ପ୍ରାପ୍ୟ

ଲୋଇସିଂହା,୨୮।୫(ଡି.ଏନ.ଏ)

ମହାମାରୀ କରୋନା ସବୁବର୍ଗର ଲୋକଙ୍କୁ ପ୍ରଭାବିତ କରିଛି। ଏଭଳି ପରିସ୍ଥିତିରେ ବଲାଙ୍ଗୀର ଜିଲାରେ ଧାନକିଣା ବେଳେ ପ୍ୟାକ୍ସରେ ଆରଏମସି ପକ୍ଷରୁ ନିୟୋଜିତ କ୍ୱାଲିଟି ଆନାଲିସସ୍ କର୍ମଚାରୀ ସେମାନଙ୍କ ୪ ମାସର ପ୍ରାପ୍ୟ ପାଇନାହାନ୍ତି। ଆରଏମସି ଓ ପ୍ରଶାସନ ପରସ୍ପରକୁ ଦୋଷ ଦେଉଥିବା ବେଳେ କର୍ମଚାରୀ ପଉଣା ପାଇବା ପାଇଁ ପେଶି ହେଉଥିବା ଅଭିଯୋଗ ହୋଇଛି। ନ୍ୟାୟ ପାଇଁ ଜିଲା କ୍ୱାଲିଟି ଆନାଲିସିସ୍ ସଂଘ ପକ୍ଷରୁ ଶୁକ୍ରବାର ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଜିଲା ଧାନକ୍ରୟ କମିଟି ନିଷ୍ପତ୍ତି ମୁତାବକ ଗତ ୨୦୨୦ ନଭେମ୍ବରରୁ ଜିଲାରେ ଧାନକିଣା ଆରମ୍ଭ ହୋଇ ୨୦୨୧ ମାର୍ଚ୍ଚ ପର୍ଯ୍ୟନ୍ତ ଚାଲିଥିଲା। ଏହି ଧାନକିଣା ସମୟରେ ପ୍ୟାକ୍ସଗୁଡିକରେ ଜଣେ ଲେଖାଏ କ୍ୱାଲିଟି ଆନାଲିସିସ ନିୟୋଜିତ ହୋଇଥିଲେ। ବଲାଙ୍ଗୀର, ପାଟଣାଗଡ,ଟିଟିଲାଗଡ ଓ କଣ୍ଟାବାଞ୍ଜି ସବ୍‌ଡିଭିଜନ ଅଧୀନରେ ଥିବା ପ୍ୟାକ୍ସରେ ପ୍ରାୟ ଶହେ କର୍ମଚାରୀ ଆରଏମସି ପକ୍ଷରୁ ନିୟୋଜିତ ହୋଇଥିଲେ । ୨୦୨୦ ନଭେମ୍ବର ମାସ ଶେଷ ସପ୍ତାହରେ ପ୍ୟାକ୍ସରେ ଯୋଗଦେଇ ୨୦୨୧ ମାର୍ଚ୍ଚ ଯାଏ ୪ମାସ ଧରି କାମ କରିଥିଲେ। ଇତିମଧ୍ୟରେ ୨ ମାସ ବିତି ଯାଇଥିଲେ ସୁଦ୍ଧା ଉକ୍ତ କର୍ମଚାରୀଙ୍କୁ ପାରିଶ୍ରମିକ ଦେବାରେ ପ୍ରଶାସନ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ଜିଲା ସଂଘ ସମ୍ପାଦକ ରିଲୁ ପଣ୍ଡା କହିଛନ୍ତି । ଅନ୍ୟ ଜିଲାରେ ନିୟୋଜିତ ଏହି କର୍ମଚାରୀ ପାରିଶ୍ରମିକ ପାଇ ସାରିଥିବା ସେ କହିଛନ୍ତି।

# ଟାଇମ୍ସ ର୍‍ୟାଙ୍କିଙ୍ଗ୍ ସର୍ଭେରେ ବିକାଶ ରାଜ୍ୟରେ ଦ୍ୱିତୀୟ

ବରଗଡ଼ ଅଫିସ,୨୮।୫

ଚଳିତ ବର୍ଷ ଟାଇମ୍ସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର୍‍ୟାଙ୍କିଙ୍ଗ୍ ସର୍ଭେ ଓଡ଼ିଶା-୨୦୨୧ ଅନୁସାରେ ବିଦ୍ୟାଳୟଗୁଡ଼କର ଶିକ୍ଷକ, ପୂର୍ବତନ ଛାତ୍ରୀଛାତ୍ର, ଅଭିଭାବକମାନଙ୍କ ରେଟିଙ୍ଗରୁ ଓଡ଼ିଶାର ଶ୍ରେଷ୍ଠ ୧୦ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକର ତାଲିକା ପ୍ରକାଶ ପାଇଛି । ତନ୍ମଧ୍ୟରେ ବିକାଶ ଜୁନିୟର କଲେଜ(ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ) ବରଗଡ଼କୁ ସର୍ଭେ ଅନୁସାରେ ଦ୍ୱିତୀୟ ଏବଂ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମ୍ବଲପୁର ଦଶମ ସ୍ଥାନରେ ରହିଛି। ତେବେ ପଶ୍ଚିମ ଓଡ଼ିଶାର ଯୁକ୍ତ ଦୁଇ ବିଦ୍ୟାଳୟଗୁଡ଼ିକ ମଧ୍ୟରୁ ବରଗଡ଼ର ବିକାଶ ଜୁନିୟର କଲେଜ ଶ୍ରେଷ୍ଠ ସ୍ଥାନରେ ରହିଛି। ବିକାଶର ଭବାନୀପାଟଣା ଶାଖା ଓଡ଼ିଶାର ଶ୍ରେଷ୍ଠ ବିଦ୍ୟାଳୟ(ପ୍ରମିସିଂ କାଟେଗୋରି)ପ୍ରାପ୍ତ ହୋଇଛି ବୋଲି ବିକାଶ ଶିକ୍ଷାନୁଷ୍ଠାନ ସମୂହର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ ଜଣାଇଛନ୍ତି। ଯୁକ୍ତଦୁଇ ବିଜ୍ଞାନ ଓ ବାଣିଜ୍ୟରେ ଉଚ୍ଚମାନର ଶିକ୍ଷା ପ୍ରଣାଳୀ, ରାଜ୍ୟ ଓ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଛାତ୍ରୀଛାତ୍ରଙ୍କ କ୍ରମାଗତ ସଫଳତା, କ୍ରୀଡ଼ା କ୍ଷେତ୍ରରେ ଉତ୍କର୍ଷତା, ଇଞ୍ଜିନିୟରିଂ, ମେଡିକାଲ, କେଭିପିୱାଇ, ନିଫ୍ଟ, ନାଇଜର, ଏନ୍‌ଡିଏ ଆଦି ପ୍ରତିଯୋଗିତାମୂଳକ ପରୀକ୍ଷାରେ ସଫଳତା ଯୋଗୁ ହିଁ ଶିକ୍ଷାନୁଷ୍ଠାନକୁ ସେଭଳି ସମ୍ମାନ ମିଳିପାରିଛି ବୋଲି ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ମୁରଲୀକ୍ରିଷ୍ଣା କହିଛନ୍ତି।

# ବୁଲା ଗୋରୁଙ୍କୁ ଖାଦ୍ୟ ଦେଉଛନ୍ତି ଯୁବଗୋଷ୍ଠୀ



ବୁଲା ଗୋରୁଙ୍କୁ ଖାଇବାକୁ ଦିଆଯାଉଛି।

ନୂଆପଡ଼ା ଅଫିସ,୨୮।୫

ନୂଆପଡା ସଦର ମହକୁମା ୩୫୩ ନଂ. ଜାତୀୟ ରାଜପଥ ଉପରେ ଶହ ଶହ ବୁଲା ଗାଇଗୋରୁ ଆଡ୍ଡା ଜମାଇ ଦିନରାତି ଟ୍ରାଫିକ ଜାମ କରୁଛନ୍ତି। ଫଳରେ ସମୟେ ସମୟେ ଅନେକ ଛୋଟବଡ ଦୁର୍ଘଣା ଘଟୁଛି। ଖାଦ୍ୟାଭାବ ଯୋଗୁ ଗାଇଗୋରୁ ରାସ୍ତା ଉପରେ ପଡି ରହିଥିବା କାଗଜ, ଫିଙ୍ଗା ଅଳିଆ, ଫଳ ଚୋପା ଇତ୍ୟାଦି ଖାଉଥିବା ବେଳେ ସୁରଜ ଜେଏସୁଆଲଙ୍କ ନେତୃତ୍ୱରେ ସହର କିଛି ଯୁବକ ବୁଲା ଗାଇଗୋରୁଙ୍କୁ ଖାଇବାକୁ ଦେଉଛନ୍ତି। ଏଥିରେ ସୌରଭ ଜୈନ, ନରେନ୍ଦ୍ର ବିଶ୍ୱାଳ, ପ୍ରମୋଦ ସାମଲ, ପ୍ରୟାନ୍ସ ଟାୟଲ, ବିକାଶ ଅଗ୍ରୱାଲ, ଆକାଶ ଖେତାନ, ହିତେସ ଜୈନ, ଲୋକେଶ ଛାପ୍ରିଆ, ଆୟୁଷ ଜୈନ, ସନ୍ଦିପ ଜୈନ, ବିଗ୍ନ ଗୁପ୍ତା ପ୍ରମୁଖ ସହଯୋଗ କରୁଛନ୍ତି।

# ଜେଲ୍ ଗଲେ ୩ ନକଲି ଖବରଦାତା

ବରଗଡ଼ ଅଫିସ୍/ଅମ୍ବାଭୋନା,୨୮।୫



ଗିରଫ ଅଭିଯୁକ୍ତଙ୍କୁ ପୋଲିସ ହାଜର କରିଛି।

ବରଗଡ଼ ଜିଲା ଅମ୍ବାଭୋନା ଅଞ୍ଚଳରେ ବଟି ମାଗୁଥିବାବେଳେ ଧରାପଡ଼ିଥିବା ୩ ନକଲି ଖବରଦାତାଙ୍କୁ ପୋଲିସ ଶୁକ୍ରବାର କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବରଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି ବୋଲି ଅମ୍ବାଭୋନା ଥାନାଧିକାରୀ ଆଲୋକ ବେହେରା କହିଛନ୍ତି । ସେମାନେ ହେଲେ ପଦ୍ମପୁର ବ୍ଲକ କନସିଂହା ନିବାସୀ ଆଶିଷ କୁମାର ଭୋଇ, ଗାଇସିଲେଟ ବ୍ଲକ କେନ୍ଦୁଢ଼ିପା ନିବାସୀ ବିଶ୍ୱପତି ସାହୁ ଏବଂ ବରାମୁଣ୍ଡା ନିବାସୀ ଭାଗିରଥି ଭୋଇ। କପାଶିରା ସରପଞ୍ଚ ବିଷ୍ଣୁ ପ୍ରଧାନଙ୍କ ଏତଲାକ୍ରମେ ଅମ୍ବାଭୋନା ଥାନାରେ ଅଭିଯୁକ୍ତଙ୍କ ବିରୋଧରେ ଏକ ମାମଲା (ନଂ.୭୯/୨୧) ରୁଜୁ ହୋଇଛି। ସେମାନଙ୍କ ପାଖରୁ ଏକ ବୋଲେରୋ (ନଂ.ଓଡ଼ି୦୩ଜି/୩୫୬୯), ୫ ମୋବାଇଲ, ଏକ ଲାପ୍‌ଟପ୍, ପରିଚୟପତ୍ର, ବୁମ୍ ଆଦି ଜବତ କରାଯାଇଛି।

# ଦିବ୍ୟାଙ୍ଗ ସୁରେନ୍ଦ୍ରଙ୍କୁ କାମ ଯୋଗାଇଲା ପ୍ରଶାସନ

ଲାଠୋର,୨୮।୫(ଡି.ଏନ.ଏ.)

**ଧରିତ୍ରୀ ପ୍ରଭାବ**

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ କୁଇବାହାଲ ପଞ୍ଚାୟତ ବାଞ୍ଜିପାଲି ଗ୍ରାମର ଦିବ୍ୟାଙ୍ଗ ସୁରେନ୍ଦ୍ର ତାଣ୍ଡି (୨୭)ଙ୍କୁ ପ୍ରଶାସନ ପକ୍ଷରୁ କାମ ଯୋଗାଇ ଦିଆଯାଇଛି। ଗତ ଏପ୍ରିଲ ୩ ତାରିଖରେ ସୁରେନ୍ଦ୍ର ପଞ୍ଚାୟତ ଏବଂ ବ୍ଲକରେ କାମ ଯୋଗାଇ ଦେବା ପାଇଁ ଅନୁରୋଧ କରିଥିଲେ ହେଁ ପ୍ରଶାସନ ଅଣଦେଖା କରିଥିଲା। କରୋନା କଟକଣା ଯୋଗୁ ସେ ରୋଜଗାର କରି ନ ପାରି ଘୋର ଆର୍ଥିକ ଅନାଟନରେ ଦିନ କାଟୁଥିଲେ। ଏ ନେଇ ଧରିତ୍ରୀରେ ସୁରେନ୍ଦ୍ରଙ୍କୁ ମିଳୁନି ‘ଏମ୍‌ଜିଏନ୍‌ଆରଇଜିଏସ୍ କାମ’ ଶୀର୍ଷକ ଖବର ଗତ ୨୨ ତାରିଖ ଧରିତ୍ରୀରେ ପ୍ରକାଶ ପାଇଥିଲା। ଏହାପରେ କୁଇବାହାଲ ପଞ୍ଚାୟତରେ କାର୍ଯ୍ୟରତ ଜିଆରଏସ ରାଜ କୁମାର ଶର୍ମା ତାଙ୍କୁ କାମ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାମଧ୍ୟରେ ବାଞ୍ଜିପାଲିସ୍ଥିତ ଠଙ୍ଗାତୁଡା ବନ୍ଧ ଖନନ କାର୍ଯ୍ୟରେ ସୁରେନ୍ଦ୍ରଙ୍କୁ ନିୟୋଜିତ କରାଯାଇଛି ।

# ବଡ଼ଭାଇର ଛୁରା ମାଡ଼ରେ ସାନ ମୃତ

ବଲାଙ୍ଗୀର ଅଫିସ, ୨୮।୫

ବଲାଙ୍ଗୀର ଜିଲା ପୁଇଁତଲା ଥାନା ଅନ୍ତର୍ଗତ ଆଟଗାଁ ଠାରେ ଶୁକ୍ରବାର ସନ୍ଧ୍ୟାରେ ବଡଭାଇର ଛୁରାମାଡରେ ସାନଭାଇର ମୃତ୍ୟୁ ଘଟିଛି । ମୃତକ ହେଲେ ସୁରୁ କୁଅଁର (୨୦)। ମିଳିଥିବା ସୂଚନା ମୁତାବକ, କୌଣସି ଘଟଣାକୁ କେନ୍ଦ୍ରକରି ସୁରୁ ଓ ତାଙ୍କ ବଡଭାଇ ସୁବ୍ରତଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। ଏହି ସମୟରେ ସୁବ୍ରତଙ୍କ ଛୁରା ମାଡରେ ସୁରୁ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଭୀମଭୋଇ ମେଡିକାଲ କଲେଜ ହସପିଟାଲକୁ ନିଆଯାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହକୁ ହସପିଟାଲ ଶବାଗାରରେ ରଖାଯାଇଛି। ପୁଇଁତଲା ଥାନାଧିକାରୀ ଯଶୋବନ୍ତ ପ୍ରଧାନୀ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଏହି ହତ୍ୟାକାଣ୍ଡ ସମ୍ପର୍କରେ ପୋଲିସ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ। କେଉଁ କାରଣରୁ ଦୁଇଭାଇଙ୍କ ମଧ୍ୟରେ ଗଣ୍ଡଗୋଳ ଘଟି ଏହା ହତ୍ୟାକାଣ୍ଡର ରୂପ ନେଲା ତାହା ସ୍ପଷ୍ଟ ହୋଇନାହିଁ। ଖବର ଲେଖା ହେବା ପର୍ଯ୍ୟନ୍ତ ଏ ନେଇ ଥାନାରେ ମାମଲା ରୁଜୁ ହୋଇନାହିଁ।

# ବୌଦ୍ଧ ଜିଲା: ଅବାଧରେ ଚାଲିଛି ବନ୍ୟଜନ୍ତୁ ଶିକାର

ବୌଦ୍ଧ,୨୮।୫(ସ୍ୱ.ପ୍ର)

ବୌଦ୍ଧ ଜିଲାରେ ଦିନକୁ ଦିନ ବ୍ୟାପକ ଜଙ୍ଗଲ କ୍ଷୟ ସହ ବନ୍ୟଜନ୍ତୁ ଶିକାର ହେଉଛି। ଜିଲାର ଜଙ୍ଗଲାଞ୍ଚଳରେ ହାତଗଣତି ପ୍ରାୟ ୧୨ଟି ବାଘ (ଲିଓପାଡ ପ୍ରଜାତି) ରହିଥିବା ବନ ବିଭାଗ ପକ୍ଷରୁ ରେକର୍ଡ ହୋଇଥିବା ଜଣାଯାଇଛି। ସେହିପରି ଜଙ୍ଗଲରେ ହାତୀ, ସମ୍ବର, କୁଟୁରା, ହରିଣ, ଭାଲୁ, ଠେକୁଆ, ଝିଙ୍କ ଆଦି ବନ୍ୟଜନ୍ତୁ ରହିଥିବାବେଳେ ବଡ ବଡ ସାପ ମଧ୍ୟ ଅଛନ୍ତି। ଗୋଟିଏ ପଟେ ଜଙ୍ଗଲକ୍ଷୟ ଓ ଜଙ୍ଗଲରେ ନିଆଁ ଏବଂ ଅନ୍ୟପଟେ ପାଣି ଅଭାବରୁ ହରିଣ, କୁଟୁରା, ସମ୍ବର, ଠେକୁଆ, ବାର୍‌ହା ଓ ହାତୀ ଭଳି ଅନେକ ବନ୍ୟଜନ୍ତୁ ଗାଁ ମୁହାଁ ହେଉଛନ୍ତି। ଫଳରେ ଶିକାରୀଙ୍କ ଲୋଲୁପ ଦୃଷ୍ଟି ଏମାନଙ୍କ ଉପରେ ପଡୁଛି। ନିକଟରେ ବଘିଆପଡା ଜଙ୍ଗଲରେ ମାଙ୍କଡ ଶିକାରୀଙ୍କ ଏକ ଗ୍ୟାଙ୍ଗ୍‌କୁ ଧରିବାରେ ବୌଦ୍ଧ ବନ ବିଭାଗ ସଫଳ ହୋଇଥିଲା। ସେହିପରି କିଛି ଦିନ ତଳେ ଗୋଟିଏ ଝିଙ୍କ ଉଦ୍ଧାର ସହିତ ଶିକାରୀକୁ ଗିରଫ କରାଯାଇଥିଲା। କିନ୍ତୁ ବହୁଳମାତ୍ରାରେ ବନ୍ୟଜନ୍ତୁ ଶିକାର ଚାଲିଥିଲେ ମଧ୍ୟ କ୍ଷେତ୍ରରେ କାର୍ଯ୍ୟରତ ବନ ବିଭାଗର କର୍ମଚାରୀମାନେ ଏ ଦିଗରେ ଉଦାସୀନ ରହୁଥିବା ଅଭିଯୋଗ ହେଉଛି। ଆହୁରି ମଧ୍ୟ ଜିଲାର ଗ୍ରାମାଞ୍ଚଳରେ ବିବାହ ଭୋଜିରେ ବାର୍‌ହା ଶିକାର କରି ମାଂସ ରନ୍ଧାଯାଉଛି। ଏବେଠୁ ବନ ବିଭାଗ ସଜାଗ ନ ହେଲେ ଜଙ୍ଗଲରୁ ବନ୍ୟଜନ୍ତୁ ଲୋପ ହେବା ସହ ପରିବେଶ ଉପରେ ଏହାର ଯଥେଷ୍ଟ ପ୍ରଭାବ ପଡିବ ବୋଲି ପରିବେଶ ବିଜ୍ଞାନୀ ମତ ଦେଇଛନ୍ତି।

# ବୈରାଗୀ ମଠଡଙ୍ଗରୀରୁ ବେଆଇନ ଗଛକଟା

ବେହେରା, ୨୮।୫ (ଡି.ଏନ.ଏ.)



ଭଣାଡଙ୍ଗରୀ-ବୈରାଗୀ ମଠ ଡଙ୍ଗରୀ ଜଙ୍ଗଲରୁ ଗଛ କଟାଯାଇଛି।

ନୂତନ ଜଙ୍ଗଲ ସୃଷ୍ଟି ଲାଗି ସରକାର ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ବିଭାଗର ଅବହେଳାର ସୁଯୋଗ ନେଇ କେତେକ ଅସାଧୁ ବ୍ୟକ୍ତି ମୂଲ୍ୟବାନ ଗଛସବୁ କାଟି ନେଉଛନ୍ତି। ଏହାର ନିଛକ ଉଦାହରଣ ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା ଧର୍ମଗଡ ଓ କୋକସରା ବ୍ଲକ ମଧ୍ୟସ୍ଥରେ ଥିବା ଭଣାଡଙ୍ଗରୀ-ବୈରାଗୀ ମଠ ଡଙ୍ଗରୀରେ। ସୂଚନା ମୁତାବକ ୨୦୧୪-୧୫ରେ ବନ ବିଭାଗ ଦ୍ୱାରା ପ୍ରାୟ ୨୫୦ ଏକର ପରିବ୍ୟାପ୍ତ ଟାଙ୍ଗରା ଭୂମିରେ ୫୦ ଲକ୍ଷରୁ ଅଧିକ ବୃକ୍ଷ ରୋପଣ କରାଯାଇଥିଲା। ଏଥିରେ ଶାଗୁଆନ, ଶିଶୋ, ସର୍ଗି, ବାଉଁଶ ଭଳି ମୂଲ୍ୟବାନ ଗଛ ଥିଲା। ବର୍ତ୍ତମାନ ଗଛ ସବୁ ବଡବଡ ହୋଇଛି। ଗ୍ରାମବାସୀଙ୍କ କହିବା ଅନୁସାରେ ଏହି ଡଙ୍ଗରରେ ବୃକ୍ଷ ରୋପଣ ପାଇଁ ଗ୍ରାମବାସୀ ଅନେକ ଥର ବନ ବିଭାଗଙ୍କୁ ଜଣାଇବା ପରେ ସରକାରଙ୍କ ଦ୍ୱାରା ଅନୁମୋଦନ ହୋଇଥିଲା। ୨୦୧୪-୧୫ ଦୁଇବର୍ଷ ମଧ୍ୟରେ ଚାରା ରୋପଣ କରାଯାଇ ସୁରକ୍ଷା ବାଡ ମଧ୍ୟ ଦିଆଯାଇଥିଲା। କିନ୍ତୁ ଚାରା ରୋପଣ ପରଠାରୁ କୌଣସି ବନବିଭାଗ କର୍ମଚାରୀ ଏହାପ୍ରତି ଧ୍ୟାନ ଦେଲେ ନାହିଁ, କି ବନ ସୁରକ୍ଷା ସମିତି ଗଠନ ମଧ୍ୟ କଲେ ନାହିଁ। ଫଳରେ ଏହାର ରକ୍ଷଣବେକ୍ଷଣ ଦାୟିତ୍ୱ ଗ୍ରାମବାସୀ ନେଇଥିଲେ। ଗତବର୍ଷ ଲକ୍‌ଡାଉନ୍ ସମୟରେ କେତେକ ଅସାଧୁ ବ୍ୟକ୍ତି ମୂଲ୍ୟବାନ ସାଗୁଆନ ଗଛ କାଟି ନେଇଥିଲେ। ଏବର୍ଷ ମଧ୍ୟ ଲକ୍‌ଡାଉନର ସୁଯୋଗ ନେଇ ଗଛ କାଟି ନେଉଥିବା ଅଭିଯୋଗ ହେଉଛି। ଏଣୁ ଏଠାରେ ଜଗୁଆଳି ରଖିବା କିମ୍ବା ବନ ବିଭାଗ ଦୃଷ୍ଟି ଦେବାକୁ ଗ୍ରାମବାସୀ ଅନୁରୋଧ କରିଥିଲେ। ଏ ବିଷୟରେ ବେହେରା ଫରେଷ୍ଟର ଫାଲଗୁନୀ ମେହେରଙ୍କୁ ପଚାରିବାରୁ ଗୋତୋମୁଣ୍ଡା ବିଟ୍ ଦାୟିତ୍ୱରେ ଥିବା ଫରେଷ୍ଟଗାର୍ଡ ସୁଧାଂଶୁ ସାହୁଙ୍କୁ ତଦନ୍ତ ପାଇଁ ପଠାଯାଇଛି। ତଦନ୍ତ ପରେ ହିଁ କହିହେବ। ଧର୍ମଗଡ ରେଞ୍ଜର ବେହେରା ସେକସନରେ ୬ଟି ବିଟ୍ ଅଛି, ୬ଟି ବିଟ୍ ପାଇଁ ୬ଜଣ ଫରେଷ୍ଟ ଗାର୍ଡ ଅଛନ୍ତି। ଏତେବଡ ଏରିଆକୁ କମ୍ ଷ୍ଟାଫରେ ସୁରକ୍ଷା ଯୋଗାଇବା ସମ୍ଭବ ହୁଏନାହିଁ। ଏଣୁ ବନ ସୁରକ୍ଷା ସମିତି ଏହାପ୍ରତି ଧ୍ୟାନ ଦେବା ଉଚିତ ବୋଲି ସେ କହିଥିଲେ।